# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 15 September - 2024

### News Editor : Tapan Kumar Moharana

********************************

## ମୁଖ୍ୟ ସମ୍ବାଦ

- ବ୍ରହ୍ମପୁର-ଟାଟାନଗର ଏବଂ ରାଉରକେଲା-ଟାଟାନଗର ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

— ବ୍ରହ୍ମପୁର ରେଳଷ୍ଟେସନ୍‌ଠାରେ ଶୁଭାରମ୍ଭ ସମୟରେ ଉପସ୍ଥିତ ଥିଲେ ମୁଖ୍ୟମନ୍ତ୍ରୀ

- ସୁଭଦ୍ରା ଯୋଜନା ସମ୍ବନ୍ଧରେ ଅଧିକ ସଚେତନ କରିବା ପାଇଁ ଆଜିଠାରୁ ଜିଲ୍ଲାସ୍ତରରେ ଆରମ୍ଭ ହେଲା ସଚେତନତା କାର୍ଯ୍ୟକ୍ରମ

- ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ବାମନ ଜନ୍ମ ନୀତି ହେବ ଅନୁଷ୍ଠିତ

ଏବଂ

- ଗଭୀର ଅବପାତ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗି ରହିଛି ବର୍ଷା

## ପିଏମ୍-ବନ୍ଦେ ଭାରତ ଏକ୍ସପ୍ରେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଝାଡଖଣ୍ଡର ଟାଟାନଗରରୁ ଓଡ଼ିଶାର ୨ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ସମେତ ମୋଟ୍ ୬ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି। ବ୍ରହ୍ମପୁର-ଟାଟାନଗର, ରାଉରକେଲା-ହାୱଡ଼ା-ଟାଟାନଗର, ବାରଣାସୀ-ଦେଓଘର, ଟାଟାନଗର-ପାଟନା, ହାୱଡ଼ା-ଧାନବାଦ-ଗୟା, ହାୱଡ଼ା-ଡୁମ୍‌କା-ଭାଗଲପୁର ଟ୍ରେନ୍‌ର ଶୁଭାରମ୍ଭ ପ୍ରଧାନମନ୍ତ୍ରୀ ଆଭାସୀ ମାଧ୍ୟମରେ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବ୍ରହ୍ମପୁର ରେଳଷ୍ଟେସନଠାରେ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଯୋଗୁଁ ରେଳ ଭିତ୍ତିଭୂମି କ୍ଷେତ୍ରରେ ଭାରତ ସୁଦୃଢ଼ ହେବା ସହିତ ବିକଶିତ ଦେଶମାନଙ୍କ ସହ ସମକକ୍ଷ ହୋଇପାରିଛି। ବ୍ରହ୍ମପୁର-ଟାଟା ବନ୍ଦେ ଭାରତ ଏକ୍ସପ୍ରେସ୍ ଓଡ଼ିଶାର ବ୍ରହ୍ମପୁରକୁ ଟାଟା ସହିତ ସଂଯୋଗ କରିବ। ଟ୍ରେନ୍‌ଟି ବ୍ରହ୍ମପୁରଠାରୁ ଟାଟାକୁ ମାତ୍ର ୯ ଘଣ୍ଟା ୫ ମିନିଟ୍‌ରେ ଅତିକ୍ରମ କରିବ। ଦୁଇପଟୁ ଟ୍ରେନ୍‌ଟି ବାଲୁଗାଁ, ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ଯଖପୁରା, ହରିଚନ୍ଦନପୁର, କେନ୍ଦୁଝରଗଡ଼ ଆଦି ଷ୍ଟେସନରେ ଟ୍ରେନ୍‌ଟି ରହଣୀ କରିବ। ବନ୍ଦେ ଭାରତ ଏକ୍ସପ୍ରେସ୍ ଯୋଗୁଁ ବାଣିଜ୍ୟ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଅଭିବୃଦ୍ଧି ସମ୍ଭବ ହେବା ସହିତ ରାଜ୍ୟର ବିକାଶ ଦ୍ରୁତ ଗତିରେ ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନା ଅନୁସାରେ, ଟିଟିଲାଗଡ଼ ଦେଇ ଯିବାକୁ ଥିବା ଦୁର୍ଗ-ବିଶାଖାପଟନମ୍ ବନ୍ଦେ ଭାରତ ଏକ୍ସପ୍ରେସର ଆସନ୍ତାକାଲି ଶୁଭାରମ୍ଭ ହେବ।

ବ୍ରହ୍ମପୁର ବନ୍ଦେ ଭାରତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ବ୍ରହ୍ମପୁର ରେଲଷ୍ଟେସନଠାରେ ଖଣି ତଥା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପଶୁସଂପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ସାଂସଦ ଅନିତା ଶୁଭଦର୍ଶୀନିଙ୍କ ସମେତ ବ୍ରହ୍ମପୁର, ଆସିକା, ଖଲ୍ଲିକୋଟ, ଛତ୍ରପୁର, ଚିକିଟି, ଦିଗପହଣ୍ଡିର ବିଧାୟକମାନେ ଉପସ୍ଥିତ ଥିଲେ।

## ସୁଭଦ୍ରା-୧

ମହିଳା ସଶକ୍ତୀକରଣ ଏବଂ ଆର୍ଥିକ ସ୍ୱାବଲମ୍ବନ ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନା ସମ୍ବନ୍ଧରେ ଆଜି ଜିଲ୍ଲାଗୁଡ଼ିକରେ ସଚେତନତା ଶୋଭାଯାତ୍ରା ଏବଂ କାର୍ଯ୍ୟକ୍ରମମାନ  ଅନୁଷ୍ଠିତ ହେଉଛି। ପଦଯାତ୍ରାରେ ମନ୍ତ୍ରୀ, ବିଧାୟକଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠିର ମହିଳା, ଅଙ୍ଗନଓ୍ୱାଡି, ଆଶାକର୍ମୀ ଏବଂ ସାଧାରଣ ଜନତା ଭାଗ ନେଇ ଯୋଜନା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଉଛନ୍ତି। **ଭୁବନେଶ୍ୱର** ଗିରିଦୁର୍ଗା ମନ୍ଦିରରୁ ରମାଦେବୀ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସୁଭଦ୍ରା ସଚେତନତା ପଦଯାତ୍ରାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ କନକ ବର୍ଦ୍ଧନ ସିଂହଦେଓ ଶୁଭାରମ୍ଭ କରିଥିଲେ। ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଏବଂ ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ସମେତ ବହୁ ସଂଖ୍ୟାରେ ମହିଳା ଯୋଗଦେଇଥିଲେ। **ଢେଙ୍କାନାଳ** ଜିଲ୍ଲାରେ ସୁଭଦ୍ରା ଯୋଜନାର ସଫଳ

ରୂପାୟନ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରଠାରୁ ଏକ ସ୍ୱାଗତ ପଦଯାତ୍ରାର ଆୟୋଜନ କରାଯାଇଥିଲା। ପଦଯାତ୍ରାକୁ ଜିଲ୍ଲାପାଳ ସୌମେଶ କୁମାର ଉପାଧ୍ୟାୟ ଶୁଭାରମ୍ଭ କରିଥିଲେ। ଢେଙ୍କାନାଳ ପୌର ପରିଷଦର ନିର୍ବାଚିତ ପ୍ରତିନିଧି ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠିର କର୍ମୀମାନେ ଭାଗ ନେଇଥିଲେ।

## ସୁଭଦ୍ରା ଯୋଜନା

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ **ଝାରସୁଗୁଡ଼ା** ଜିଲ୍ଲାରେ ସୁଭଦ୍ରା ଯୋଜନା ସମ୍ପର୍କରେ ସଚେତନ କରିବା ପାଇଁ ଏକ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ପୌରାଞ୍ଚଳର ସମସ୍ତ ବ୍ଲକରେ ଏହି ରଥ ପରିକ୍ରମା କରିବ। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବବ୍ୟାପାର ଓ ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ **ଭଦ୍ରକ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ସୁଭଦ୍ରା ସଚେତନତା ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ, ଜିଲ୍ଲାପାଳଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ମହିଳାମାନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାରଙ୍କର ଲକ୍ଷ୍ୟ ରହିଛି ବୋଲି କହିଥିଲେ। **ନୟାଗଡ଼** ଜିଲ୍ଲାର ସଦର ମହକୁମା ସମେତ ୮ଟି ବ୍ଲକ୍‌ରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶୀଷ ପଟ୍ଟନାୟକ ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ।

**ପୁରୀ** ଜିଲ୍ଲାରେ ସୁଭଦ୍ରା ଯୋଜନା ଶୁଭାରମ୍ଭ ପୂର୍ବରୁ  ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଏଥିରେ ସାମିଲ କରିବା ଲକ୍ଷ୍ୟରେ ସୁବାଷ ବୋଷ୍ ଛକଠାରୁ ଟାଉନ୍‌ହଲ୍ ଛକ ପର୍ଯ୍ୟନ୍ତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। **ରାୟଗଡ଼ା** ଜିଲ୍ଲା ପ୍ରଶାସନ ଓ ମିଶନଶକ୍ତି ପକ୍ଷରୁ ଜିଲ୍ଲାସ୍ତରୀୟ ସୁଭଦ୍ରା ପଦଯାତ୍ରା ଓ ସାମୂହିକ ଆଲୋଚନାଚକ୍ର ଆଜି ଅନୁଷ୍ଠିତ ହୋଇଯାଇଛି।  ଜିଲ୍ଲାପାଳ ପାରୁଲ୍ ପଟୱାରୀ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ଦସ୍ତଖତ ଅଭିଯାନ ମଧ୍ୟ ଆରମ୍ଭ କରାଯାଇଛି। **ସୁବର୍ଣ୍ଣପୁର** ଜିଲ୍ଲା ସଦର ମହକୁମା ସହ ଜିଲ୍ଲାର ୬ଟି ବ୍ଲକର ଅଙ୍ଗନୱାଡି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ସୁଭଦ୍ରା ଯୋଜନା ସମ୍ପର୍କରେ ସଚେତନ କରିବା ପାଇଁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଛନ୍ତି। ଜିଲ୍ଲାପାଳ ଅନ୍ୟା ଦାସ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। **ଗଞ୍ଜାମ** ଜିଲ୍ଲା ବୁଗୁଡ଼ା ବ୍ଲକ୍‌ରେ ସୁଭଦ୍ରା ଯୋଜନା ସଚେତନତା  ଶୋଭାଯାତ୍ରାରେ ଗୋଷ୍ଠି ଉନ୍ନୟନ ଅଧିକାରୀ, ସି.ଡି.ପି.ଓ, ମିଶନଶକ୍ତି ଏବଂ ଅଙ୍ଗନୱାଡି କର୍ମୀମାନେ ବିଭିନ୍ନ ପଞ୍ଚାୟତରେ ସୁଭଦ୍ରା ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏକ ପଦଯାତ୍ରା କରିଥିଲେ।

## ସୁଭଦ୍ରା-୩

**କଟକ** ଜିଲ୍ଲା ପ୍ରଶାସନ ପକ୍ଷରୁ ସୁଭଦ୍ରା ଯୋଜନା ସମ୍ପର୍କରେ ଜିଲ୍ଲାର ହିତାଧିକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ସୁଭଦ୍ରା

ସ୍ୱାଗତ ପଦଯାତ୍ରାର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସୁଭଦ୍ରା ଯୋଜନା ସମ୍ପର୍କରେ ଏକ ଆଲୋଚନାଚକ୍ର ଏବଂ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

**ବଲାଙ୍ଗିର** ଜିଲ୍ଲା ପାଟଣାଗଡ଼ ବ୍ଲକ୍ ଓ ଏନ୍ଏସିର ମିଳିତ ସହଯୋଗରେ ସୁଭଦ୍ରା ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପାଟଣାଗଡ଼ ଗୋଷ୍ଠି ଉନ୍ନୟନ ଅଧିକାରୀ ଏବଂ ବ୍ଲକ୍ସ୍ତରର ଅଧିକାରୀମାନେ ସୁଭଦ୍ରା ଯୋଜନା କାର୍ଯ୍ୟକ୍ରମ ବିଷୟରେ ହିତାଧିକାରୀମାନଙ୍କୁ ସଚେତନ କରାଇଛନ୍ତି । ଜିଲ୍ଲାର ୧୪ଟି ବ୍ଲକ୍ରେ ସଚେତନତା କାର୍ଯ୍ୟକ୍ରମମାନ କରାଯାଉଛି ।

## ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ମଙ୍ଗଳବାର ୧୭ ତାରିଖ ଦିନ ଓଡ଼ିଶା ଗସ୍ତରେ ଆସିବେ । ଭୁବନେଶ୍ୱର ଜନତା ମଇଦାନଠାରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବା ସହ ଜନସଭାକୁ ସମ୍ବୋଧନ କରିବେ । ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାଳରେ ପି.ଏମ୍. ଆବାସ ଯୋଜନା ସହରାଞ୍ଚଳର ହିତାଧିକାରୀମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ମଧ୍ୟ ବଣ୍ଟନ କରାଯିବ । ସୂଚନାଯୋଗ୍ୟ, ଜାତୀୟସ୍ତରର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ପ୍ରାୟ ୧୦ ଲକ୍ଷ ହିତାଧିକାରୀ ସାମିଲ ହୋଇଛନ୍ତି । ଏହି ଯୋଜନାର

ପ୍ରଥମ କିସ୍ତି ବାବଦ ୩ ହଜାର ୮୧୦କୋଟି ଟଙ୍କା ପ୍ରତ୍ୟକ୍ଷ ଅର୍ଥରାଶି ପ୍ରଦାନ ଆକାରରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯିବ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଏବଂ ସୁଭଦ୍ରା ଯୋଜନାର ଶୁଭାରମ୍ଭକୁ ଦୃଷ୍ଟିରେ ରଖି ଆସନ୍ତା ମଙ୍ଗଳବାର ଦିନ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଛି। ଏହା ସହ ସମସ୍ତ ସରକାରୀ କାର୍ଯ୍ୟାଳୟ, ରାଜସ୍ୱ, କାର୍ଯ୍ୟନିର୍ବାହୀ ଅଦାଲତ ପ୍ରଥମାର୍ଦ୍ଧ ଛୁଟି ରହିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ସୁଭଦ୍ରା ଯୋଜନା-୧ ଟଙ୍କା

ସୁଭଦ୍ରା ଯୋଜନାରେ ପରୀକ୍ଷାମୂଳକ ଭାବେ ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ୍‌ଖାତାକୁ ୧ ଟଙ୍କା ଲେଖାଏଁ ପଠାଯାଇଛି  ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି।  ଶେଷ ଯୋଗ୍ୟ ମହିଳା ହିତାଧିକାରୀଙ୍କ ପର୍ଯ୍ୟନ୍ତ ଯୋଜନା ନପହଂଚିବା ଯାଏଁ ପଞ୍ଜୀକରଣ ଜାରି ରହିବ। ବର୍ତ୍ତମାନସୁଦ୍ଧା ୬୦ ଲକ୍ଷ ମହିଳା ସୁଭଦ୍ରା ଯୋଜନାରୁ ଲାଭ ପାଇବା ପାଇଁ ପଞ୍ଜୀକରଣ କରିଛନ୍ତି। ରାଜ୍ୟ ସରକାର ଏହି ଯୋଜନାରେ ୧ କୋଟିରୁ ଉର୍ଦ୍ଧ୍ୱ ହିତାଧିକାରୀ ମହିଳାଙ୍କୁ ସାମିଲ  କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ଶ୍ରୀମତୀ ପରିଡା କହିଛନ୍ତି।

## ବାମନ ଜନ୍ମ

**ପୁରୀ** ଶ୍ରୀମନ୍ଦିରରେ ଆଜି ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ବାମନ ଜନ୍ମ ନୀତି ଅନୁଷ୍ଠିତ ହେବ। ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଅପରାହ୍ନ ୫ରୁ ରାତି ୮ଟା ପର୍ଯ୍ୟନ୍ତ ଏହି ସ୍ୱତନ୍ତ୍ର ନୀତି ପାଇଁ ସର୍ବସାଧାରଣଙ୍କ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସୁନିଆଁ

ପବିତ୍ର ସୁନିଆଁ ପର୍ବ ଅବସରରେ **ପୁରୀ** ଗଜପତି ମହାରାଜ ଶ୍ରୀଦିବ୍ୟସିଂହ ଦେବଙ୍କ ୬୮ଅଙ୍କ ଆଜିଠାରୁ ଆରମ୍ଭ ହେଉଛି। ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ସୁନିଆଁ ପର୍ବଦିନ ଗଜପତିଙ୍କ ନୂତନ ଅଙ୍କ ପ୍ରଚଳନର ବିଧି ରହିଛି। ଏଥିସହ ଆଜିଠାରୁ  ଗଜପତିଙ୍କ ନବବର୍ଷ ଆରମ୍ଭ ହେଉଛି। ପରମ୍ପରା ଅନୁସାରେ, ୧୬ ଶାସନର ବ୍ରାହ୍ମଣମାନେ ଶ୍ରୀନଅର ଆସି ଗଜପତିଙ୍କୁ ନଡିଆ ଓ ପଇତା ଭେଟି ଦେଇ ଆର୍ଶୀର୍ବାଦ କରିଥାନ୍ତି। କରଣ ସାମନ୍ତମାନେ ମଧ୍ୟ ଗଜପତି ମହାରାଜଙ୍କୁ ଭେଟି ଦେଇଥାନ୍ତି। ସୂଚନା ଅନୁସାରେ, ଶ୍ରୀନଅରରେ ଆଜି ସନ୍ଧ୍ୟା ସମୟରେ ଏକ ବିଶେଷ ଉତ୍ସବରେ ସ୍ୱତନ୍ତ୍ର ସ୍ୱର୍ଣ୍ଣମୁଦ୍ରାରେ ଗଜପତି ମହାରାଜାଙ୍କ ନୂତନ ଅଙ୍କ କଟାଯାଇ ନବବର୍ଷର ଶୁଭାରମ୍ଭ ହେବ।

## ଗଣେଶ ବିସର୍ଜନ

କଟକ ସହରର ପ୍ରଥମ ପର୍ଯ୍ୟାୟ ଗଣେଶ ମୂର୍ତ୍ତି ଭସାଣୀ ଆଜିଠାରୁ ଆରମ୍ଭ ହେଉଛି। ଏହି ପର୍ଯ୍ୟାୟରେ ପ୍ରାୟ ୪୦୦ ଶ୍ରୀଗଣେଶଙ୍କର ମୂର୍ତ୍ତି

ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯିବ। ଭସାଣୀ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ।

## ସୈନିକ ସଂଘ – ନୂଆଁଖାଇ ଭେଟଘାଟ

**ବଲାଙ୍ଗିର** ଜିଲ୍ଲାସ୍ତରୀୟ ଅବସରପ୍ରାପ୍ତ ସୈନିକ ସଂଘର ନୂଆଁଖାଇ ଭେଟଘାଟ ପାଟଣାଗଡ଼ ମହେଶ୍ୱର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସହିଦ୍ ଯବାନଙ୍କ ପରିବାରକୁ ସମ୍ମାନିତ କରାଯାଇଥିଲା।

# ଇଞ୍ଜିନିୟର୍ସ ଦିବସ

ଦେଶରେ ଆଜି ଇଞ୍ଜିନିୟର୍ସ ଦିବସ ପାଳନ କରାଯାଉଛି । ସାର୍ ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟାଙ୍କ ଜନ୍ମ ଦିବସ ଅବସରରେ ପ୍ରତିବର୍ଷ ସେପ୍ଟେମ୍ବର ୧୫ ତାରିଖକୁ ଇଞ୍ଜିନିୟର୍ସ ଦିବସ ଭାବେ ପାଳନ କରାଯାଇଥାଏ । ସାର୍ ବିଶ୍ୱେଶ୍ୱରାୟା ତାଙ୍କର ନିଷ୍ଠା, କାର୍ଯ୍ୟଦକ୍ଷତା, ସାଧୁତା, କାର୍ଯ୍ୟକୁଶଳତା ଏବଂ ସମୟାନୁବର୍ତ୍ତିତା ପାଇଁ ସଫଳତାର ଶୀର୍ଷରେ ପହଞ୍ଚି ପାରିଥିଲେ । ଦେଶରେ ବ୍ରିଟିଶ ଶାସନ ସମୟରେ ରାଜା ପଞ୍ଚମ ଜଜ୍ ତାଙ୍କର ବୁଦ୍ଧିମତା, କାର୍ଯ୍ୟକୁଶଳତା ଏବଂ ସମାଜ ପ୍ରତି ଅବଦାନ ପାଇଁ ନାଇଟ୍ କମାଣ୍ଡର ଉପାଧିରେ ଭୂଷିତ କରିଥିଲେ । ୧୯୫୫ ମସିହାରେ ଭାରତ ସରକାର ତାଙ୍କୁ ଭାରତରତ୍ନ ଉପାଧିରେ ଭୂଷିତ କରିଥିଲେ ।

ଏହି ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ

ଦେଶର ବିଭିନ୍ନ କ୍ଷେତ୍ରରେ ରହିଥିବା ଆହ୍ୱାନଗୁଡ଼ିକୁ ମୁକାବିଲା କରିବାରେ ଇଞ୍ଜିନିୟରଙ୍କ ବଳିଷ୍ଠ ଭୂମିକାକୁ ପ୍ରଶଂସା କରିଛନ୍ତି ।

## ପାଣିପାଗ

ବାଂଲାଦେଶ ଓ ତତ୍‌ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗଭୀର ଅବପାତ ଆଜି ସୁଦ୍ଧା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରି ଝାଡଖଣ୍ଡ ଓ ଉତ୍ତର ଛତିଶଗଡ଼ ଆଡକୁ ଅଗ୍ରସର ହେବ । ଏହାର ପ୍ରଭାବରେ ଆଜି ରାତିସୁଦ୍ଧା ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ମୟୂରଭଞ୍ଜ, ବରଗଡ଼, ସୋନପୁର, ଅନୁଗୋଳ, କେନ୍ଦୁଝର ଓ ଦେବଗଡ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ସବୁ ଜିଲ୍ଲାଗୁଡିକ ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*********************************